# ସାଲେପୁର କଲେଜ ପରିସଂଖ୍ୟାନ ବିଭାଗ ପକ୍ଷରୁ ପାଠଚକ୍ର




ସାଲେପୁର, ୧୫।୨ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସଂଖ୍ୟାନ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ ପାଠଚକ୍ର 'ଅଟୋନୋମି ସେମିନାର୍' ଅନୁଷ୍ଠିତ ହୋଇଛି। ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବିଷୟ ବିଶାରଦ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ପ୍ରଭାତ କୁମାର ଷଡ଼ଙ୍ଗୀ ଯୋଗଦେଇ 'ଷ୍ଟୋକାଷ୍ଟିକ୍ ପ୍ରୋସେସ୍ ଆଣ୍ଡ୍ ଇଟ୍ସ୍ ଆପ୍ଲିକେସନ୍ ଇନ୍ କ୍ୟୁଇଙ୍ଗ୍ ଥିଓରି' ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ଡକ୍ଟର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ କରୁଣାକର ମୁଦୁଲି ପାଠଚକ୍ରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ତପସ୍ୱିନୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଅଧ୍ୟାପକ ଡକ୍ଟର ଶୀତାଂଶୁଶେଖର ମିଶ୍ର ସହଯୋଗ କରିଥିଲେ। ସେମିନାର୍ ସେକ୍ରେଟାରି ବାସନ୍ତୀ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଗଣିତ ବିଭାଗର ପ୍ରାଧ୍ୟାପକ ଆଲୋକଚନ୍ଦ୍ର ମହାନ୍ତି, ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ଡକ୍ଟର ବିଚିତ୍ରାନନ୍ଦ ଦାସ, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅଧ୍ୟାପକ ଜି. ସତୀଶ କୁମାର, ଅଧ୍ୟାପିକା ଶତାବ୍ଦୀ ନାୟକଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।


CUTTACK Edition
Page No.21 February 16, 2023





